# Akashvani, Sambalpur

## SAMBALPURI NEWS EVENING BULLETIN

**30 January 2026 - 7.02 pm- 7.12 pm.**

*******************************************

୧- ମହାତ୍ମାଗାନ୍ଧୀଙ୍କର୍ ୭୮ ନମ୍ବର୍ ପୂଣ୍ୟତିଥି ଅବ୍‌ସରେ ଶ୍ରଦ୍ଧାଞ୍ଜଳି ଜନାଲେ ଦେଶ୍‌ବାସୀ ।

- ଗାନ୍ଧୀଜୀଙ୍କର୍ ଅହିଂସା ଆଉ ମାନବିକତାର୍ ଦର୍ଶନ୍ ଶାସନ୍ ଆଉ ସମାଜ୍ ଗଠନ୍‌ର ମୂଳଦୂଆ ଆଏ- କହେଲେ ମୁଖ୍ୟମନ୍ତ୍ରୀ ।

୨- ଓଡ଼ିଶା ବିଧାନ୍‌ସଭାର୍ ବଜେଟ୍ ଅଧିବେଶନ୍ ଆଏବା ୧୭ ତାରିଖ୍‌ନୁ ହେବା ମୁଲ୍ ।

- ୨୦ ତାରିଖ୍ ଦିନ ବଜେଟ୍ ଉପସ୍ଥାପନ୍ କର୍‌ବେ ମୁଖ୍ୟମନ୍ତ୍ରୀ ।

୩- ଶ୍ରୀ ଜଗନ୍ନାଥ୍ ଦର୍ଶନ୍ ଯୋଜ୍‌ନାଥି ବରିଷ୍ଠ ନାଗରିକ୍‌ମାନ୍‌କୁ ପୁରୀ ବୁଲାବେ ରାଜ୍ୟ ସର୍‌କାର୍ ।

ଆଉର୍

୪- ବୌଦ୍ଧ ନ ଚାଲିଥିବା ତିଲେଶ୍ୱର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ଚାମ୍ପିଆନ୍ ହେଲା ସୁନ୍ଦର୍‌ଗଡ଼୍ ଦଲ୍ ।

ମହାତ୍ମାଗାନ୍ଧୀ -ପୂଣ୍ୟତିଥି ଏନ୍ଏସ୍ଡି/ଆଇ.ଆଣ୍ଡ୍.ପି.ଆର୍

ଜାତିର ପିତା ମହାତ୍ମାଗାନ୍ଧୀଙ୍କୁ ତାଙ୍କର୍ ୭୮ ନମ୍ବର୍ ପୂଣ୍ୟତିଥି ଅବ୍ସରେ ଆଏଜ୍ ଦେଶ୍ବାସୀ ଶ୍ରଦ୍ଧାଞ୍ଜଲି ଜନଉଛନ୍ । ନୂଆଦିଲ୍ଲୀ ରାଜ୍ଘାଟ୍ ନ ଥିବାର୍ ଗାନ୍ଧୀ ସମାଧି ପୀଠ ନ ଇ ଅବ୍ସରେ ସର୍ବଧର୍ମ ପ୍ରାର୍ଥନା ସଭା ଆୟୋଜନ୍ କରାଯାଇଥିଲା । ପ୍ରାର୍ଥନା ସଭାଥି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପ ରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନ୍ମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ୍ ସିଂଙ୍କର୍ ସହେତେ ବହୁତ୍ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଲୀ ଜନେଇଛନ୍ ।

ସାମାଜିକ୍ ଗଣମାଧ୍ୟମ୍ ପୋଷ୍ଟଥି ଗାନ୍ଧୀଜୀଙ୍କୁ ସୁର୍ତା କରିକରି ପ୍ରଧାନ୍ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ପୂଜ୍ୟ ବାପୁଜୀ ସବୁବେଲେ ସ୍ୱଦେଶୀ ଉପ୍ରେ ଜୋର୍ ଦଉଥିଲେ । ବିକଶିତ ଆଉ ଆତ୍ମନିର୍ଭର୍ ଭାରତ୍ ଗଠନ୍ ଲାଗି ଇଟା ହଉଛେ ସଂକଳ୍ପ ଆର୍ ଗୁଟେ ମୌଳିକ ସ୍ତମ୍ଭ । ଗାନ୍ଧୀଜୀଙ୍କର୍ ବ୍ୟକ୍ତିତ୍ୱ ଆଉ କାମ୍ ସବୁବେଲେ ଦେଶ୍ବାସୀଙ୍କୁ କର୍ତବ୍ୟ ବାଟେ ନେବାର୍କେ ତହଁକାବା ବଲି ପ୍ରଧାନ୍ମନ୍ତ୍ରୀ କହିଛନ୍ ।

ଭୁବ୍ନେଶ୍ୱର୍ ନ ଆଏଜ୍ ହେଇଥିବା ରାଜ୍ୟସ୍ତରୀୟ ଶହୀଦ୍ ଦିବସ୍ ପାଲନ୍ ଆଉ ଗାନ୍ଧୀଜୀଙ୍କର୍ ତିରୋଧାନ୍ ଦିବସ୍ ଅବ୍ସରେ ଆଏଜ୍ ସଖାଲ୍ବେଲା ବିଧାନ୍ସଭା ପରିସର୍ ନ ଥିବା ତାଙ୍କର୍

ପ୍ରତିମୂର୍ତିଥି ଫୁଲ୍‌ମାଲା ଅର୍ପଣ୍ କରାଯାଇକରି ଗୁଟେ ପ୍ରାର୍ଥନା ସଭାର୍ ଆୟୋଜନ୍ କରାଯାଇଥିଲା । ପ୍ରାର୍ଥନା ସଭାଥି ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ବାଚସ୍ପତି ସୁରମା ପାଢ଼ୀ, ଉପ ବାଚସ୍ପତି ଭବାନୀ ଶଙ୍କର୍ ଭୋଇଙ୍କର୍ ସହେତେ ମନ୍ତ୍ରୀ ମଣ୍ଡଲ୍‌ର ସଦସ୍ୟ, ସାଂସଦ୍ ଆଉ ବିଧାୟକ୍‌ମାନେ ଉପସ୍ଥିତ୍ ଥିଲେ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କର୍ ବାର୍ତାଥି କହିଛନ୍, ମହାତ୍ମାଗାନ୍ଧୀଙ୍କର୍ ଅହିଂସା ଆଉ ମାନବିକତାର୍ ଦର୍ଶନ୍- ଶାସନ୍ ଆଉ ସମାଜ୍ ଗଠନ୍‌ର ମୂଲ୍‌ଦୂଆ ଆଏ । ଶହୀଦ୍‌ମାନ୍‌କର୍ ନିଷ୍ଠା ଆଉ ବଳିଦାନ୍ ଗୁଟେ ଶକ୍ତିଶାଳୀ ରାଷ୍ଟ୍ର ଗଠନ୍ ଲାଗି ସବୁବେଳେ ମାର୍ଗଦର୍ଶନ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସୂଚ୍‌ନା ଅନ୍‌ସାରେ ୧୯୪୮ ମସିହା ଆଝିରର୍ ଦିନେ ଦିଲ୍ଲୀ ବିରଳା ଭବନ୍ ପରିସର୍ ନ ପ୍ରାର୍ଥନା ସଭାକେ ଯାଉଥିଲା ବେଲ୍‌କେ ଗୁଳି ମାଡ୍‌ଥି ବାପୁଜୀଙ୍କର୍ ପରଲୋକ୍ ହେଇଥିଲା । ତାଙ୍କର୍ ପୂଣ୍ୟତିଥି ଆଉ ସ୍ୱାଧୀନତା ସଂଗ୍ରାମୀଙ୍କର୍ ତ୍ୟାଗର୍ ସ୍ମୃତି ଉଦ୍ଦେଶ୍ୟଥି ଆଏଜ୍ ସାରା ଦେଶେ ଶହୀଦ୍ ଦିବସ୍ ପାଲନ୍ କରାଯାଉଛେ ।

ବିଧାନ୍‌ସଭା ବଜେଟ୍ ଅଧିବେଶନ   ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ସପ୍ତଦଶ ବିଧାନ୍‌ସଭାର୍ ୬ ନମ୍ବର୍ ଆଉ ବଜେଟ୍ ଅଧିବେଶନ୍ ଆଏବା ମାସର୍ ୧୭ ତାରିଖ୍‌ନୁ ମୁଲ୍ ହେବା । ଅଧିବେଶନ୍‌ର ପହେଲା ଦିନେ ରାଜ୍ୟପାଲ୍ ଡକ୍ଟର୍ ହରିବାବୁ କମ୍ଭମ୍‌ପାଟି ଗୃହକେ ସମ୍ବୋଧନ୍ କର୍‌ବେ । ଫେବୃଆରୀ ୨୦ ତାରିଖ୍ ଦିନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ନ ୨୦୨୬-୨୭ ଆର୍ଥିକ୍ ବଛର୍ ଲାଗି ବଜେଟ୍ ଉପସ୍ଥାପନ୍ କର୍‌ବେ । ଫେବୃଆରୀ ୨୩ ଆଉ ୨୪ ତାରିଖ୍ ବଜେଟ୍ ଉପ୍‌ରେ ସାଧାରଣ୍ ଆଲୋଚନା ହେବା । ଇ ବାବ୍‌ଦେ ଓଡ଼ିଶା ବିଧାନ୍‌ସଭା ସଚିବାଳୟ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ବଜେଟ୍ ଅଧିବେଶନ୍ ୨ ଟା ଖେପ୍‌ଥି ହେବା । ଇଥି ୨୮ ଟା କାର୍ଯ୍ୟଦିବସ୍ ରହିଛେ । ପହେଲା ଖେପ୍ ଫେବୃଆରୀ ୧୭ ନୁ ୨୪ ତାରିଖ୍‌ତକ୍ ହେବାର୍‌କେ ଥିବାର୍ ବେଲେ ୨ ନମ୍ବର୍ ଖେପ୍ ମାର୍ଚ୍ଚ ୯ ନୁ ଏପ୍ରିଲ୍ ୮ ତାରିଖ୍‌ତକ୍ ଚାଲ୍‌ବା । ମାର୍ଚ୍ଚ ୩୧ ତାରିଖ୍ ଦିନ ଗୃହ ନ ବ୍ୟୟମଞ୍ଜୁରୀ ବିଧେୟକ୍ ଆଗତ୍ ହେବା ।

ନଗର୍ ଉନ୍ନୟନ୍‌ମନ୍ତ୍ରୀ - ସମୀକ୍ଷା   ଆଇ.ଆଣ୍ଡ୍.ପି.ଆର୍

ରାଜ୍ୟର୍ ସବୁ ପୌରାଂଚଲ୍ ନ ଥିବା ପାର୍କ ମାନ୍‌କର୍ ସୌନ୍ଦର୍ଯ୍ୟକରଣ୍ ଆଉ ସାମଗ୍ରିକ୍ ଉନ୍ନତିର୍ ଯୋଜ୍‌ନା ତିଆର୍

କର୍‌ବାର୍ ଲାଗି ଗୃହ ନିର୍ମାଣ୍ ଆଉ ନଗର ଉନ୍ନୟନ୍ ମନ୍ତ୍ରୀ ଡାକ୍ତର୍ କୃଷ୍ଣଚନ୍ଦ୍ର ମହାପାତ୍ର ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ପାର୍କ ମାନ୍‌କେ ଥିବାର୍ କେନ୍‌ସି ଭିଲ୍ ପ୍ରତିମୂର୍ତିକେ ଅସମ୍ମାନ୍ କରାଗଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ । ଭୁବ୍‌ନେଶ୍ୱର୍ ଖାରବେଳ ଭବନ୍ ପରିସର୍ ନ ଆଏଜ୍ ବିଭାଗ୍‌ର ଭିନ୍ ଭିନ୍ ଯୋଜ୍‌ନାର୍ କାର୍ଯ୍ୟକାରିତାର୍ ଥିତି ଆଉ ଆର୍ଥିକ୍ ପ୍ରଗତିର୍ ସମୀକ୍ଷା କରିକରି ମନ୍ତ୍ରୀ ଶ୍ରୀ ମହାପାତ୍ର ଇଟା କହିଛନ୍ । ସମୀକ୍ଷା ବୈଠକ୍‌ଥି ଖାସ୍ କରି ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍‌ନା, ସହରୀ ସମୃଦ୍ଧି ଯୋଜ୍‌ନା ଆଉ ଆହାର୍ ଯୋଜ୍‌ନା ବାବ୍‌ଦେ ସମୀକ୍ଷା କରାଯାଇଥିଲା । ସହରୀ ଇଲାକାମାନ୍‌କର୍ ରାସ୍ତାଘାଟ୍, ସର୍ବସାଧାରଣ୍ ଜାଗାର୍ ସଫେଇ ଆଉ ଦେଖ୍‌ରେଖ୍, ବର୍ଜ୍ୟବସ୍ତୁ ପରିଚାଳନା ସହେତେ ନୂଆଁ ତିଆର୍ ହେଇଥିବା ଏନ୍‌ଏସି ମାନ୍‌କର୍ ବିକାଶ୍ ଉପ୍‌ରେ ଆଲୋଚନା କରାଯାଇଥିଲା ।

ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ            ଆଇ.ଆଣ୍ଡ୍.ପି.ଆର୍

ରାଏଜେ ଜଲବାୟୁ ସ୍ଥିରତା ବଢ଼ାବାର୍ ଲାଗି ରାଜ୍ୟ କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ କୃଷି କ୍ଷେତ୍ର ନ ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ୍‌ର ଆଏଜ୍ ଶୁଭାରମ୍ଭ କରାଯାଇଛେ ।

ମରୁଡ଼ି ପ୍ରଭାବିତ୍ ଜିଲ୍ଲାମାନ୍କେ ଜଲ୍ବାୟୁ ସ୍ଥିରତା ଆନ୍ବାର୍, ଉତ୍ପାଦନ୍ ବଢ଼ାବାର୍ ଆଉ ଫସଲ୍ ବିବିଧ କରଣ୍କେ ତହଁକାବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବାବ୍‌ଦେ ଗଲା ହପ୍ତା ହେଇଥିବା କୃଷି ଓଡ଼ିଶା ୨୦୨୬ ଅବ୍‌ସରେ କେତେଟା ବୁଝାମଣା ପତ୍ର ସ୍ୱାକ୍ଷରିତ୍ ହେଇଥିଲା । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଯୋଗ୍ ଦେଇକରି ସକ୍ରିୟ ମରୁଡ଼ି ପରିଚାଲନା ଉପ୍‌ରେ ଜୋର୍ ଦେଇଥିଲେ । ଜୀବନ୍ ଜୀବିକାର୍ ସୁରକ୍ଷା ଆଉ ଗ୍ରାମୀଣ ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ଲାଗି ଜଲ୍ବାୟୁ ସ୍ଥିରତା ନିହାତି ଜରୁରୀ ଆଏ ବଲି ଶ୍ରୀ ସିଂହଦେଓ କହିଛନ୍ ।

ବରିଷ୍ଠ ନାଗରିକ-ପୁରୀ ଭ୍ରମଣ୍        ପୁରୀ ସମ୍ବାଦଦାତା

ରାଜ୍ୟର୍ ବରିଷ୍ଠ ନାଗରିକ୍‌ମାନ୍‌କୁ ସର୍‌କାର୍ ପୁରୀ ଭ୍ରମଣ୍ କର୍‌ବାର୍ ବ୍ୟବସ୍ଥା କରିଛନ୍ । ଶ୍ରୀ ଜଗନ୍ନାଥ୍ ଦର୍ଶନ୍ ଯୋଜ୍‌ନା ଅଧୀନ୍‌ଥି ୬୦ ନୁ ୭୫ ବର୍ଷର୍ ବୟସର୍ ନାଗରିକ ଆଉ ୭୫ ବଛର୍‌ତକ୍ ବିଧବା ମହିଲାମାନ୍‌କୁ ରାଜ୍ୟ ସର୍‌କାର୍ ମାହାଲିଆ ପୁରୀ ବୁଲାବାର୍ ସହେତେ ଜଗନ୍ନାଥ୍ ଦର୍ଶନ୍ କରାବେ । ଯୋଜ୍‌ନାଥି ରାଜ୍ୟର୍ ୩୫ ହଜାର୍ ଲୁକ୍‌କୁ ସାମିଲ୍ କରାଯିବା । ଚଲ୍‌ତି ଆର୍ଥିକ୍ ବଛ୍‌ରେ ୫ ହଜାର୍ ଆଉ ଆଏବା ବଛ୍‌ରେ ୩୦ ହଜାର୍ ହିତାଧିକାରୀ ଇଥି

ସାମିଲ୍ ହେବେ । ଇ ବାବ୍‌ଦେ ସବୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି କରାଯାଇଛେ । ପଂଚାୟତ୍‌ସ୍ତରଥି ହିତାଧିକାରୀମାନ୍‌କୁ ବାଛ୍‌ବାର୍ ଲାଗି ଜିଲ୍ଲାପାଲ୍‌ମାନ୍‌କୁ ଚିଠିଥି ନିର୍ଦ୍ଦେଶ୍ ଦିଆଯାଇଛେ ।

ଓଡ଼ିଶା ପଟ୍ଟଚିତ୍ର ଆଇ.ଆଣ୍ଡ.ପି.ଆର୍

ଭାରତୀୟ ନିର୍ବାଚନ୍ ଆୟୋଗ୍ ତର୍‌ଫୁ ନୂଆଦିଲ୍ଲୀ ନ ହେଇଥିବା ବିଶ୍ୱର୍ ସବୁନୁ ବଡ଼ ଗଣତାନ୍ତ୍ରିକ୍ ସମ୍ମିଲନୀ- ଆଇ.ଆଇ.ସି.ବି.ଇ.ଏମ୍.- ୨୦୨୬ ଥି ଓଡ଼ିଶାର୍ କଳା ଆଉ ସଂସ୍କୃତିର୍ ଜୟ ଯାତ୍ରାର୍ ଝଲକ୍ ଦେଖ୍‌ବାର୍‌କେ ମିଳିଥିଲା । ଜାନୁଆରୀ ୨୧ ନୁ ୨୩ ତାରିଖ୍‌ତକ୍ ହେଇଥିବା ସମ୍ମିଲନୀଥି ଓଡ଼ିଶାର୍ ବିଶ୍ୱପ୍ରସିଦ୍ଧ ପଟ୍ଟଚିତ୍ରକେ ଗୁଟେ ଖାସ୍ ସାଂସ୍କୃତିକ୍ ଉପହାର୍ ଭାବେ ପ୍ରଦର୍ଶନ୍ କରାଯାଇଥିଲା । ସମ୍ମିଲନୀଥି ୬୦ ନୁ ଅଏତ୍‌କା ଦେଶର୍ ପ୍ରତିନିଧି ଦଲ୍ ଯୋଗ୍ ଦେଇଥିଲେ । ଇ ସମିଆଥି ଅନ୍ତର୍ଜାତୀୟ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ୍ ଅଧୀନ୍‌ଥି ୪୦ ନୁ ଅଏତ୍‌କା ଦେଶର୍ ମୁଖ୍ୟ ପ୍ରତିନିଧି ମାନ୍‌କୁ ଭାରତ୍‌ର ସମୃଦ୍ଧ ଐତିହ୍ୟର୍ ପ୍ରତୀକ୍ ଭାବେ ଓଡ଼ିଶାର୍ ପଟ୍ଟଚିତ୍ରକେ ଉପହାର୍ ଦିଆଯାଇଥିଲା । ଯେନ୍‌ଟାକି ଓଡ଼ିଶାର୍ ଗୁଟେ ଗୌରବ୍‌ର ବିଷେ ଆଏ । ଇ କଳାକୃତିଥି ଭଗ୍‌ବାନ୍ ଶ୍ରୀକୃଷ୍ଣଙ୍କର୍ ଦିବ୍ୟ ରାସଲୀଳା ଆଉ

ଜଗନ୍ନାଥ ମାହାପୁରୁଙ୍କର୍ ଭିନ୍ ଭିନ୍ ବେଶ ଚିତ୍ରିତ ହେଇଛେ ।

ପଂଚାୟତିରାଜ୍ ମନ୍ତ୍ରୀ-ବିଭିଜିରାମ୍‌ଜୀ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଗ୍ରାମୀଣ୍ ଇଲାକାକେ ବର୍‌କସ୍ କରିକରି ଉନ୍ନତ୍ ଆଉ ସ୍ୱାବଲମ୍ବୀ ଓଡ଼ିଶା ଗଠନ୍ କରାଯାଇପାର୍‌ବା ବଲି ପଂଚାୟତିରାଜ୍ ଆଉ ପାନୀୟ ଜଳ ବିଭାଗ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ସୁବର୍ଣ୍ଣପୁର୍ ଠାନେ ଆଏଜ୍ ବିକଶିତ ଭାରତ ଜୀ ରାମ୍‌ଜୀ ଯୋଜ୍‌ନାର୍ କାର୍ଯ୍ୟାନ୍ୱୟନ୍ ଆଉ ଜନସଚେତନତା ଲାଗି ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ନାଏକ୍ କହିଛନ୍ ।

କୋଟିଆ - ରାଜସ୍ୱମନ୍ତ୍ରୀ ଏକ୍ସ

କୋରାପୁଟ୍ ଜିଲ୍ଲାର୍ କୋଟିଆକେ ବାହାର୍ ରାଜ୍ୟର୍ ଅଧିକାରୀ କି କର୍ମଚାରୀମାନେ ବେଆଇନ୍ ଭାବେ ଅନୁପ୍ରବେଶ୍ କଲେ କଡ଼ା କାର୍ଯ୍ୟାନୁଷ୍ଠାନ୍ ନିଆଯିବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇ ବାବ୍‌ଦେ ଆଏଜ୍ ଗଣମାଧ୍ୟମ୍‌କେ ଶ୍ରୀ ପୂଜାରୀ କହିଛନ୍, କୋଟିଆର୍ ବିକାଶ୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ

ରୋଡ୍‌ମେପ୍ ତିଆର୍ କରାଯାଉଛେ । ଇଥିର୍‌ଲାଗି ପୂର୍ଣ୍ଣକାଳୀନ ଅଫିସର୍‌ମାନ୍‌କୁ ଦାୟିତ୍ୱ ଦିଆଯାଇଛେ ।

ଯୁକ୍ତ ଦୁଇ ପରୀକ୍ଷା-ତଥ୍ୟ ହି.ସ.

ଉଚ୍ଚମାଧ୍ୟମିକ୍ ଶିକ୍ଷା ପରିଷଦ୍ ପରିଚାଳିତ୍ ଯୁକ୍ତ ଦୁଇ ପରୀକ୍ଷାକେ ନିର୍ଭୁଲ୍ ଭାବେ କର୍‌ବାର୍ ଲାଗି ପରିଷଦ୍ ତର୍‌ଫୁ ରାଜ୍ୟର୍ ସବୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ପରୀକ୍ଷା ସୁପରିଟେଣ୍ଡେଂଟ୍ ଆଉ ସୁପର୍‌ଭାଇଜର୍‌ମାନ୍‌କୁ ଭିନ୍ ଭିନ୍ ତଥ୍ୟ ମଗାଯାଇଛେ । କେନ୍ କେନ୍ଦ୍ର ନ କେତେ ରେଗୁଲାର୍, କେତେ ଏକ୍ସରେଗୁଲାର୍ ପରୀକ୍ଷା ଦେବେ ସେ ବାବ୍‌ଦେ ତଥ୍ୟ ମଗାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବା ଆଏବା ୧୮ ତାରିଖ୍‌ନୁ ଯୁକ୍ତ ଦୁଇ ପରୀକ୍ଷା ମୁଳ୍ ହେବା ।

ଜିଲ୍ଲା ପରିଷଦ୍‌ର ବୈଠକ୍ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଜିଲ୍ଲା ପରିଷଦ୍‌ର ବୈଠକ୍ ହେଇଯାଇଛେ । ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ରାଜେନ୍ଦ୍ର କୁମାର୍ ମିଞ୍ଜ୍‌ଙ୍କର୍ ଦେଖ୍‌ରେଖ୍‌ଥି ହେଇଥିବା ବୈଠକ୍‌ଥି ଜିଲ୍ଲାପାଳ୍ କବୀନ୍ଦ୍ର କୁମାର୍ ସାହୁ

ଯୋଗ୍ ଦେଇକରି ଜିଲ୍ଲାର୍ ସାମଗ୍ରିକ୍ ବିକାଶ୍ ଲାଗି ଜନପ୍ରତିନିଧିଙ୍କର୍ ସହଯୋଗ୍ କାମନା କରିଥିଲେ ।

ଶହୀଦ୍ ଦିବସ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଡିଗ୍ରୀ ମହିଳା ମହାବିଦ୍ୟାଳୟ ନ ଜାତୀୟ ସେବା ଯୋଜ୍ନା ତର୍ଫୁ ଶହୀଦ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍ସରେ ସ୍ୱେଚ୍ଛାସେବୀମାନେ କଲେଜ୍ ପରିସର୍ ନ ସଫେଇ କରିଥିଲେ ।

ଜୁନିଅର୍ ରେଡ଼କ୍ରସ୍ ପ୍ରଶିକ୍ଷଣ୍ ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ସର୍କାରୀ ଉଚ୍ଚବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ଜୁନିଅର୍ ରେଡ଼କ୍ରସ୍ ପ୍ରଶିକ୍ଷଣ୍ ଶିବିର୍ ଉଦ୍ଘାଟିତ୍ ହେଇଯାଇଛେ । ଜିଲ୍ଲା ଶିକ୍ଷା ଅଧିକାରୀ ଟେମ୍ଲାଲ୍ ଦୁବେଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ଉଦ୍ଘାଟନୀ ସମାରୋହଥି କଂଟାମାଲ୍ ବିଧାୟକ୍ କହ୍ନାଇ ଚରଣ୍ ଡାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ତିଲେଶ୍ୱର୍ କପ୍ ଫୁଟ୍ବଲ୍ ଟୁର୍ଣ୍ଣାମେଂଟ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ତିଲେଶ୍ୱର୍ ହାଇସ୍କୁଲ୍ ପଡ଼ିଆ ନ ଚାଲିଥିବା ତିଲେଶ୍ୱର୍ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍-୨୦୨୬ ଥି ସୁନ୍ଦର୍‌ଗଡ଼୍ ଦୋସ୍ତି ବ୍ରଦର୍ସ ଦଲ୍ ଚମ୍ପିଆନ୍ ହେଇଛେ । ଆଏଜ୍ ଖେଲାଯାଇଥିବା ଫାଇନାଲ୍ ମେଚ୍‌ଥି ବିହାର୍‌ର ବକ୍ସର୍ ଦଲ୍‌କେ ପେନାଲ୍‌ଟି ସୁଟ୍‌ଆଉଟ୍ ଜରିଏ ୪-୩ ଗୋଲ୍ ଦେଇକରି ସୁନ୍ଦର୍‌ଗଡ଼୍ ଦଲ୍ ଇ ଟାଇଟେଲ୍ ହାସଲ୍ କରିଛେ । ଉଦ୍‌ଯାପନୀ ସମାରୋହଥି ବୌଦ୍ଧ ଜିଲ୍ଲାପାଲ୍ ବିଭୂତି ଭୂଷଣ୍ ନାୟକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ବିଜେତା ଆଉ ଉପବିଜେତା ଦଲ୍‌କେ ପୁରସ୍କୃତ୍ କରିଥିଲେ ।

ପିଏମ୍‌ଶ୍ରୀ ଉତ୍ସବ୍ ବଲାଙ୍ଗିର୍ ସମ୍ବାଦଦାତା

ବଲାଙ୍ଗିର୍ ପୃଥ୍ୱୀରାଜ୍ ହାଇସ୍କୁଲ୍ ପଡ଼ିଆ ନ ଚାଲିଥିବା ଜିଲ୍ଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ୍ ଆଏଜ୍ ଉଦ୍‌ଯାପିତ୍ ହେଇଯାଇଛେ । ଉଦ୍‌ଯାପନୀ ସମାରୋହଥି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଯୋଗ୍ ଦେଇକରି ଜାତୀୟ ଶିକ୍ଷାନୀତି -୨୦୨୦ର ଲାଭ୍ ବାବ୍‌ଦେ ବୁଝେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୨୪ ଘଂଟା ଭିତ୍ରେ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀତକ୍ ବଢ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ । ଇ ସମିଆଥି ସମୁଦ୍ରଖଁଡ଼ି ଜିଲ୍ଲାମାନ୍କେ ବହଲିଆ କୁହୁଡ଼ି ହେବା ବଲି ପାଣିପାଗି କେନ୍ଦ୍ର ତର୍ଫୁ ସତର୍କ କରାଯାଇଛେ ।